# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଶାମୁଏଲ୍, ପରମେଶ୍ୱରଙ୍କ ବାଳକ-ସେବକ


ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପ୍ଯୋଜକ: Lyn Doerksen



କାହାଣି ୬୦ ରୁ ୧୭

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ହାନ୍ନା ଏକ ଉତ୍ତମ ସ୍ତ୍ରୀ ଥିଲେ, ସେ ଇଲ୍କାନାଙ୍କୁ ବିବାହ କରିଥିଲେ, ଯେ କି ଭଲଲୋକ ଥିଲେ । ସେମାନେ ଦୁହେଁ ପରମ୍ଶ୍ୱରଙ୍କ ଉପାସକ ଓ ଅନ୍ୟମାନଙ୍କୁ ଦୟା ଏବଂ ଦାନ କରୁଥିଲେ । କିନ୍ତୁ ହାନ୍ନାଙ୍କ ଜୀବନରେ କିଛିଟା ଅଭାବ ଥିଲା । ତାଙ୍କୁ ଏକ ସନ୍ତାନର ଆବଶ୍ୟକ ଥିଲା । ଅହ୍ ସେ କିପରି ଏକ ସନ୍ତାନ ଚ଼ହୁଁଥିଲା, ସେ ଅପେକ୍ଷା ଓ ପ୍ରାର୍ଥନା କଲା ଏବଂ ଆଉ ଅଧିକା ସମୟ ଅପେକ୍ଷା କଲା । ତାଙ୍କର ସନ୍ତାନ ହେଲାନାହିଁ ।



1



ପ୍ରତ୍ୟକ ବର୍ଷ, ହାନ୍ନା ପରମେଶ୍ୱରଙ୍କ ମନ୍ଦିରରେ ଆରାଧନା କରିବାକୁ ଶୀଲୋକୁ ଯାଏ । ଏକ ସମୟରେ ସେ ପରମେଶ୍ୱରଙ୍କୁ ପ୍ରାର୍ଥନା କରି କହିଲେ, ଯଦି ଆପଣା ଦାସିକୁ ଏକ ପୁରୁଷ ସନ୍ତାନ ଦେବ ତେବେ ମୁଁ ତାହାକୁ ଯାବଜ୍ଜୀବନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିବି ।

2


ବୃଦ୍ଧ ଏଲୀ ପ୍ରାର୍ଥନା କରିବା ସମୟରେ ତାହାର ମୁଖକୁ ଅନାଇଲେ । ସେ ଭାବିଲେ ହାନ୍ନା ଦ୍ରାକ୍ଷାରସରେ ମତ୍ତ ହୋଇଛନ୍ତି ।
3


କାରଣ କେବଳ ତାହାର ଓଷ୍ଠ ହଲୁଥିଲା, ମାତ୍ର ତାହାର ରବ ଶୁଣାଯାଉନଥିଲା । ଏଲୀ ହାନ୍ନାଙ୍କୁ କହିଲେ ତୁମ୍ଭେ କେତକାଳ ମତ୍ତହୋଇ ରହିଥିବ ।
4


କିନ୍ତୁ ହାନ୍ନା ଯେ ଏକ ସନ୍ତାନ ନିମନ୍ତେ ପ୍ରାର୍ଥନା କରୁଛନ୍ତି ଓ ପରମେଶ୍ୱରଙ୍କୁ ନିଜର ପ୍ରତିଜ୍ଞା ବିଷୟରେ ଏଲୀଙ୍କୁ ଜଣାଇଲେ । କୁଶଳରେ ଯାଅ, ଏଲୀ ଉତ୍ତର କଲେ । ଯାହା ଯାହା ମାଗିଲ ଇସ୍ରାଏଲ୍ ପରମେଶ୍ୱର ତୁମ୍ଭର ସେହି ନିବେଦନ ଅନୁଷାରେ ତୁମ୍ଭକୁ ଦେଉନ୍ତୁ । ଏଲୀଙ୍କ କଥା ହାନ୍ନାଙ୍କ ଜୀବନରେ ଆଶା ଯୋଗାଇଲା ।
5


ଯଥାଶିଘ୍ର ହାନ୍ନାଙ୍କ ହୃଦୟ ଆନନ୍ଦରେ ଭରିଗଲା । ସଦାପ୍ରଭୁ ତାହାଙ୍କୁ ସ୍ମରଣ କଲେ ଓ ତାଙ୍କ ପ୍ରର୍ଥନାର ଉତ୍ତର ଦେଲେ । ସେ ଓ ଇଲକାନା ଏକ ପୁତ୍ର ସନ୍ତାନର ପିତାମାତା ହୋଇଗଲେ ଯାହାକୁ ସେମାନେ ଶାମୁୟେଲ୍  (ଯାହାର ଅର୍ଥ ପରମେଶ୍ୱରଦତ୍ତ) ରଖିଲେ । କିନ୍ତୁ ହାନ୍ନା କି ପରମେଶ୍ୱରଙ୍କୁ ଧ୍ୟାନ କିମ୍ବା ନିଜର ପ୍ରତିଜ୍ଞାକୁ ମନେପକାଇବେ?
6


ହାନ୍ନା ପ୍ରତ୍ୟକ ବର୍ଷପରି ମନ୍ଦିରକୁ ବାର୍ଷିକ ବଳୀଦାନ କରିବାକୁ ଗଲାନାହିଁ । ଓହ୍ ସେକି ପରମେଶ୍ୱରଙ୍କ ସହିତ କରିଥିବା ପ୍ରତିଜ୍ଞାକୁ ଭାଙ୍ଗିଲେ, ନୁହେଁ, ହାନ୍ନା କେବଳ ସେହି ସମୟକୁ ଅପେକ୍ଷାରେ ଥିଲେ ଯେବେ ଶାମୁୟେଲ ସେହି ମନ୍ଦିରରେ ରହିବକୁ ଯୋଗ୍ୟ ହେବେ ଓ ଏଲୀଙ୍କୁ ସଦାପ୍ରଭୁଙ୍କ ସେବାରେ ସାହାଯ୍ୟ କରିବେ । ଶେଷରେ ସେ ଶାମୁୟେଲଙ୍କୁ ମନ୍ଦିରକୁ ଆଣିଲେ ।
7


ସଦାପ୍ରଭୁ ହାନ୍ନାର ମହାନ ସତ୍ୟତାକୁ ସନ୍ମାନ କଲେ । ଶାମୁୟେଲଙ୍କ ପରେ ପରମେଶ୍ୱର ହାନ୍ନାଙ୍କୁ ପୁଣି ତିନୋଟି ପୁତ୍ର ଓ ଦୁଇ କନ୍ୟା ଦେଇ ଆଶିର୍ବାଦ କଲେ । ତାହାପରେ ପ୍ରତ୍ୟକ ବର୍ଷ ହାନ୍ନା ବାର୍ଷିକ ବଳି ଉତ୍ସର୍ଗ କରିବାକୁ ଆସିବା ବେଳେ ତାଙ୍କ ପାଇଁ ଗୋଟିଏ ସାନ ଚୋଗା ପ୍ରସ୍ତୁତ କରି ଶାମୁୟେଲଙ୍କ କତିକି ଆଣୁଥାଏ ।
8

ଶାମୁୟେଲ କେବଳ ଏଲୀଙ୍କୁ ସାହାଯ୍ୟ କରିଥିଲେ ତାହାନୁହେଁ, ମାତ୍ର ଏଲୀଙ୍କ ପୁତ୍ରମାନେ ହଫନି ଓ ପୀନହସ୍‌ଙ୍କୁ ମଧ୍ୟ ସାହାଯ୍ୟ କରୁଥିଲେ । ସେମାନେ ନିଜର ମନ୍ଦକାର୍ଯ୍ୟଦ୍ୱାରା ସଦାପ୍ରଭୁଙ୍କୁ ତୁଚ୍ଛଜ୍ଞାନ କଲେ, ସେମାନେ ନିଜ ପିତାଙ୍କର ଚେ଼ତାବନୀକୁ ଖାତିରି କଲେନାହିଁ । ଏଲୀ ସେମାନଙ୍କୁ ମନ୍ଦୀର କାର୍ଯରୁ ନିଷ୍କାସିତ କରିଦେବା ଆବଶ୍ୟକ ଥିଲା । କିନ୍ତୁ ସେ ଏହା କଲେ ନାହିଁ ।



9



ଏକ ସମୟରେ, ଶାମୁୟେଲ ଏକ ଡ଼ାକିବା ରବ ଶୁଣିଲେ । ଶାମୁୟେଲ ଭାବିଲେ ଏଲୀ ବୋଧେ ତାଙ୍କୁ ଡାକୁଅଛନ୍ତି, ମୁ ଏଠାରେ ଅଛି, ଆପଣ ମୋତେ ଡାକିଲେ ପରା, ଏଲୀ କହିଲେ ମୁ ଡାକି ନାହିଁ । ଏପରି ତିନଥର ହେଲା । ତେଣୁ ଏଲୀ ଜାଣିଲେ ଯେ ପରମେଶ୍ୱର ଶାମୁୟେଲଙ୍କ ସହିତ କଥା ହେବାକୁ ଚା଼ହୁଁଛନ୍ତି ।

10



ଏଲୀ ଶାମୁୟେଲଙ୍କୁ କହିଲେ, ଯେବେ ସେ ତୁମ୍ଭକୁ ଡାକନ୍ତି, ତେବେ ତୁମ୍ଭେ କହିବ, ହେ ସଦାପ୍ରଭୁ କହନ୍ତୁ ଆପଣଙ୍କ ଦାସ ଶୁଣୁଅଛି । ସଦାପ୍ରଭୁ ପୁଣି ଶାମୁୟେଲଙ୍କୁ ଡାକିଲେ ଓ ଏକ ଅତି ମହତ୍ୱପୂର୍ଣ୍ଣ ସମ୍ବାଦ ଦେଲେ ।

11

ସକାଳ ସମୟରେ ଏଲୀ ଶାମୁୟେଲଙ୍କୁ ଡାକିଲେ, ସଦାପ୍ରଭୁ ତୁମ୍ଭକୁ କି କଥା କହିଅଛନ୍ତି, ତହିଁରେ ଶାମୁୟେଲ କିଛି ଗୁପ୍ତ ନକରି ତାଙ୍କୁ ସବୁକଥା ଜଣାଇଲେ । ଏହା ଏକ ଭୟଙ୍କର ସମ୍ବାଦ ଥିଲା । ସଦାପ୍ରଭୁ ହଫନି ଓ ପୀନହସଙ୍କ ନିମନ୍ତେ ଏଲୀଙ୍କ ସମସ୍ତ ପରିବାରକୁ ଧଂସ କରିବାକୁ ଯାଉଥିଲେ । କାରଣ ସେମାନେ ଦୁଷ୍ଟ ଥିଲେ ।



12

ସଦାପ୍ରଭୁଙ୍କ ଚେତାବନି ସତ୍ୟ ହେଲା । ପଲେଷ୍ଟିୟମାନଙ୍କ ସହିତ ଲଢ଼େଇ ସମୟରେ, ଏଲୀଙ୍କର ଦୁଷ୍ଟ ଦୁଇପୁତ୍ର ଇସ୍ରାୟେଲର ସୌନ୍ୟଦଳ ଆଗରେ ନିୟମ ସିନ୍ଦୁକ ବୋହିଲେ । ଶତୃମାନେ ନିୟମ ସିନ୍ଦୁକକୁ ଅକ୍ତିଆର କରିନେଲେ ଏବଂ ହଫନି ଓ ପିନ୍‌ହସ୍ ଅନେକ ଇସ୍ରାୟେଲୀୟ ମାନଙ୍କ ସହିତ ହତ ହେଲେ । ଯେତେବେଳେ ଏଲୀ ଏହି ସମାଚା଼ର ଶୁଣିଲେ, ସେ ନିଜର ଆସନରୁ ଖସି ପଡ଼ଗଲେ, ଓ ତାଙ୍କର ବେକ ଭାଙ୍ଗିଗଲା, ଏବଂ ସେହିଦିନ ସେ ପ୍ରଣତ୍ୟାଗ କଲେ ।



13

ନିୟମ ସିନ୍ଦୁକ ପଲେଷ୍ଟିୟମାନଙ୍କ ଜୀବନରେ ଅନେକ ପ୍ରକାର ଦୁଃଖ ଆଣିଲା । ସେମାନେ ନିୟମ ସିନ୍ଦୁକକୁ ଦାଗୋନ୍ ଦେବତା ନିକଟରେ ରଖିଲେ, ଏକ ଠକ ଦେବତା । ସକାଳ ସମୟରେ ଦେଗୋନ୍ ସଦାପ୍ରଭୁଙ୍କ ସିନ୍ଦୁକ ସମ୍ମୁଖରେ ମୁହଁ ମାଡ଼ି ଭୂମିରେ ପଡ଼ିଅଛି । ପଲେଷ୍ଟିୟମାନେ ଦେଗୋନ୍‌କୁ ଉଠାଇ ନିଜ ସ୍ଥାନରେ ବସାଇଲେ । କିନ୍ତୁ ପୁଣି ତହିଁ ଆରଦିନ ସକାଳେ ଦାଗୋନ୍ ତଳେ ପଡ଼ିଥିଲା, ଏହିଥର ଦାଗୋନ୍ ଖଣ୍ଡ ଖଣ୍ଡ ହୋଇଥିଲା ।



14



ରୋଗ ଏବଂ ମୃତୁ
ପଲେଷ୍ଟିୟମାନଙ୍କ ମଧ୍ୟରେ
ବ୍ୟାପିବାକୁ ଲାଗିଲା । ହୁଏତ
ସଦାପ୍ରଭୁ ସେମାନଙ୍କୁ ଆଘାତ
କରିଛନ୍ତି ଏହା ଜଣିବାକୁ
ସେମାନେ ନିୟମ ସିନ୍ଦୁକକୁ
ଗୋଟିଏ ସ୍ଥାନରୁ ଅନ୍ୟ
ସ୍ଥାନକୁ ନେଲେ ।

15



ପଲେଷ୍ଟିୟମାନେ ଶଗଡ଼
ଉପରେ ନିୟମ ସିନ୍ଦୁକ ଲଦି
ଗାଭିମାନଙ୍କଦ୍ୱାରା ତାହା
ଟଣାଇଲେ, କିନ୍ତୁ ବାଛୁରିକୁ
ଘରେ ରଖିଲେ । ସେମାନେ
କହିଲେ, ଯଦି ଗାଭି ଆପଣା
ସୀମାନ୍ତ ପଥ ଦେଇ
ବୈଥ୍-ଶେମଶକୁ ଯାଏ,
ତେବେ ଆମ୍ଭେ ଜାଣିବା ସେ
ଆମ୍ଭମାନଙ୍କ ପ୍ରତି ଏହି
ଅମଙ୍ଗଳ ଘଟାଇଅଛନ୍ତି!

16



ଶାମୁୟେଲ୍ ବର୍ତ୍ତମାନ୍
ବଢ଼ିଯାଇଥିଲେ, ସେ ସମୁଦାୟ
ଇସ୍ରାୟେଲ୍ ବଂଶକୁ କହିଲେ,
ଯେବେ ତୁମ୍ଭେମାନେ ସମସ୍ତ
ଅନ୍ତକରଣ ସହିତ ସଦାପ୍ରଭୁଙ୍କ
ପ୍ରତି ଫେରୁଅଛ, ତେବେ ସେ
ପଲେଷ୍ଟିୟମାନଙ୍କ ହସ୍ତରୁ
ତୁମ୍ଭମାନଙ୍କୁ ଉଦ୍ଧାର କରିବେ ।

17



ଲୋକମାନେ ସଦାପ୍ରଭୁଙ୍କ
ବିଶ୍ୱାସଯୋଗ୍ୟ ଯାଜକଙ୍କ
ଆଜ୍ଞା ପାଳନ କଲେ ।
ଶାମୁୟେଲଙ୍କ ସମସ୍ତ
ବିଚାରକରିବା ସମୟରେ
ସଦାପ୍ରଭୁଙ୍କ ହସ୍ତ
ପଲେଷ୍ଟାୟମାନଙ୍କ
ବିରୁଦ୍ଧରେ ଉଠିଲା ।

18

ଶାମୁଏଲ୍, ପରମେଶ୍ୱରଙ୍କ ବାଳକ-ସେବକ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

୧ ଶାମୁୟେଲ୍ ୧-୭

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।